# Exchange of list of prisoners between India and Pakistan

January 01, 2023

## ଭାରତ ଏବଂ ପାକିସ୍ତାନ ମଧ୍ୟରେ କଏଦୀମାନଙ୍କ ତାଲିକାର ବିନିମୟ

**ଜାନୁଆରୀ 01, 2023**

ଭାରତ ଏବଂ ପାକିସ୍ତାନ ଆଜି ନୂଆଦିଲ୍ଲୀ ଏବଂ ଇସଲାମାବାଦରେ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ନିଜ ହେପାଜତରେ ଥିବା ବେସାମରିକ କଏଦୀ ଓ ମତ୍ସ୍ୟଜୀବୀଙ୍କ ତାଲିକା ବିନିମୟ କରିଛନ୍ତି। 2008 ରେ ଉଭୟ ଦେଶ ମଧ୍ୟରେ ସ୍ୱାକ୍ଷରିତ କନସୁଲାର ସୁବିଧା ଚୁକ୍ତିନାମା ଅନୁଯାୟୀ ପ୍ରତିବର୍ଷ 01 ଜାନୁଆରୀ ଏବଂ 01 ଜୁଲାଇରେ ଏହିପରି ତାଲିକାର ବିନିମୟ ହୁଏ।

ଭାରତ ହେପାଜତରେ ଥିବା 339 ଜଣ ପାକିସ୍ତାନୀ ବେସାମରିକ କଏଦୀ ଏବଂ 95 ଜଣ ପାକିସ୍ତାନୀ ମତ୍ସ୍ୟଜୀବୀଙ୍କ ତାଲିକା ପାକିସ୍ତାନକୁ ପ୍ରଦାନ କରାଯାଇଛି। ସେହିଭଳି ପାକିସ୍ତାନ ନିଜ ହେପାଜତରେ ଥିବା 51 ଜଣ ବେସାମରିକ କଏଦୀ ଏବଂ 654 ଜଣ ମତ୍ସ୍ୟଜୀବୀଙ୍କ ତାଲିକା ଭାରତକୁ ପ୍ରଦାନ କରିଛି। ଏମାନେ ଭାରତୀୟ ଅଟନ୍ତି କିମ୍ବା ଭାରତୀୟ ବୋଲି ବିଶ୍ୱାସ କରାଯାଏ।

ପାକିସ୍ତାନ ହେପାଜତରୁ ବେସାମରିକ କଏଦୀ, ନିଖୋଜ ଭାରତୀୟ ପ୍ରତିରକ୍ଷା କର୍ମଚାରୀ ଏବଂ ମତ୍ସ୍ୟଜୀବୀମାନଙ୍କୁ ସେମାନଙ୍କ ଡଙ୍ଗା ସହିତ ଶୀଘ୍ର ମୁକ୍ତ କରି ଫେରାଇ ଆଣିବାକୁ ଭାରତ ସରକାର ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଦଣ୍ଡାଦେଶ ସମାପ୍ତ କରିଥିବା ଓ ନାଗରିକତା ସୁନିଶ୍ଚିତ ହୋଇଥିବା 631 ଜଣ ଭାରତୀୟ ମତ୍ସ୍ୟଜୀବୀ ଏବଂ 02 ଜଣ ଭାରତୀୟ ବେସାମରିକ କଏଦୀଙ୍କୁ ମୁକ୍ତ କରିବା ତଥା ସେମାନଙ୍କ ପ୍ରତ୍ୟାବର୍ତ୍ତନକୁ ତ୍ୱରାନ୍ୱିତ କରିବାକୁ ପାକିସ୍ତାନକୁ କୁହାଯାଇଥିଲା। ଏତଦ୍ ବ୍ୟତୀତ ଭାରତୀୟ ବୋଲି ବିଶ୍ୱାସ କରାଯାଉଥିବା ଅବଶିଷ୍ଟ 30 ଜଣ ମତ୍ସ୍ୟଜୀବୀ ଏବଂ 22 ଜଣ ବେସାମରିକ କଏଦୀଙ୍କୁ ତୁରନ୍ତ କନସୁଲାର ସୁବିଧା ପ୍ରଦାନ କରିବାକୁ ପାକିସ୍ତାନକୁ କୁହାଯାଇଛି।

ଉଭୟ ଦେଶରେ ଥିବା କଏଦୀ ଓ ମତ୍ସ୍ୟଜୀବୀଙ୍କ ସମସ୍ୟା ସମେତ ସମସ୍ତ ମାନବିକତା ସମସ୍ୟାର ସମାଧାନ କରିବା ପାଇଁ ଭାରତ ପ୍ରତିବଦ୍ଧ ଅଟେ। ଏହି ପରିପ୍ରେକ୍ଷୀରେ, ମତ୍ସ୍ୟଜୀବୀଙ୍କ ସମେତ 71 ଜଣ ପାକିସ୍ତାନୀ କଏଦୀଙ୍କ ନାଗରିକତା ସ୍ଥିତିକୁ ସୁନିଶ୍ଚିତ କରିବା ପାଇଁ ଭାରତ ମଧ୍ୟ ପାକିସ୍ତାନକୁ ଆବଶ୍ୟକ ପଦକ୍ଷେପ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛି। ପାକିସ୍ତାନ ପକ୍ଷରୁ ଏମାନଙ୍କର ନାଗରିକତା ସୁନିଶ୍ଚିତ କରାଯାଇନଥିବାରୁ ଏମାନଙ୍କ ପ୍ରତ୍ୟାବର୍ତ୍ତନ ଅଟକି ରହିଛି। ସମସ୍ତ ଭାରତୀୟ ତଥା ଭାରତୀୟ ବୋଲି ବିଶ୍ୱାସ କରାଯାଉଥିବା ବେସାମରିକ କଏଦୀ ଓ ମତ୍ସ୍ୟଜୀବୀଙ୍କ ସୁରକ୍ଷା, ନିରାପତ୍ତା ଏବଂ କଲ୍ୟାଣ ସୁନିଶ୍ଚିତ କରିବାକୁ ପାକିସ୍ତାନକୁ ଅନୁରୋଧ କରାଯାଇଛି। ଏମାନଙ୍କୁ ମୁକ୍ତ କରି ଭାରତକୁ ଫେରାଇ ଅଣାଯିବ।

**ନୂଆଦିଲ୍ଲୀ**

**ଜାନୁଆରୀ 01, 2023**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.